ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା

# SHIKSHA VIKASH SAMITI, ODISHA



ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦

SARASWATI KUNJA, E-59, SECTOR - A, ZONE - A, MANCHESWAR INDUSTRIAL ESTATE, BHUBANESWAR -10

MOB. - 8280866977, E-mail : svsodisha1977@gmail.com, Web Site : www.svsodisha.com



Affiliated to Vidya Bharati Akhil Bharatiya Shiksha Sansthan, Lucknow

Regd. NO. BBSR-47838 of 1984-85 & 22486/76 OF 2007-08 Registrar of Societies, Orissa, Cuttack


ପତ୍ରାଙ୍କ - ୩୪/୨୫ ତାରିଖ - ୦୭.୦୧.୨୦୨୫

**ପ୍ରାପ୍ତେଷୁ,**

**ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ,**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡ଼ିଶା।

**ବିଷୟ -ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସେବାବ୍ରତୀ ଆନୁତୋଷିକ ଅନୁଦାନ ଟ୍ରଷ୍ଟ ଫଣ୍ଡ ରାଶି ପ୍ରେରଣ ସମ୍ବନ୍ଧେ।**

**ମହାଶୟ,**

ସାଦର ନମସ୍କାର। ଆଶା ସର୍ବକୁଶଳେ ଥାଇ ରାଷ୍ଟ୍ରକାର୍ଯ୍ୟରେ ବ୍ୟସ୍ତ ଥିବେ। ସେବାବ୍ରତୀମାନଙ୍କ ବାବଦରେ ବିଶେଷ ଚର୍ଚ୍ଚା ଆଲୋଚନା ଓ ପ୍ରସ୍ତାବକୁ ଆଧାର କରି ବିଗତ ବର୍ଷ ମାନଙ୍କରେ ଟ୍ରଷ୍ଟ ଫଣ୍ଡର ନୂତନ ନିୟମ କାର୍ଯ୍ୟକାରୀ ହୋଇ ଆସୁଅଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ସେବାବ୍ରତୀ ଉକ୍ତ ଯୋଜନା ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ଯେଉଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଦସ୍ୟ ହୋଇ ନାହାନ୍ତି ସେହି ବିଦ୍ୟାଳୟ ସେବାବ୍ରତୀଙ୍କ କଲ୍ୟାଣ ଦୃଷ୍ଟିରୁ ଗତ ୦୧.୦୪.୨୦୧୨ଠାରୁ ୩୧.୦୩.୨୦୧୫ ପର୍ଯ୍ୟନ୍ତ ୩% ଦେୟ ଏବଂ ୦୧.୦୪.୨୦୧୫ଠାରୁ ଅଦ୍ୟାବଧି ୫% ଦେୟ ସହ ବାର୍ଷିକ ସୁଧ ୧୦% ସହିତ ପ୍ରଦାନ କରିବାକୁ ଅନୁରୋଧ।

୧. ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନାରେ ସହାୟତା ପ୍ରାପ୍ତି ହେବେ।

୨. ସଦସ୍ୟତା ଦିନ ଠାରୁ ସହାୟତା ପ୍ରାପ୍ତ ହେବେ।

୩. ସର୍ବନିମ୍ନ ୫ ବର୍ଷ ସଦସ୍ୟତା ହୋଇଥିଲେ ସହାୟତା ପ୍ରାପ୍ତି ହେବେ।

୪. ସହାୟତା ରାଶି ସର୍ବାଧିକ ୧୦ ଲକ୍ଷ ଟଙ୍କା ପ୍ରାପ୍ତ ହେବେ।

୫. ସେବାବ୍ରତୀଙ୍କ ମୂଳ ଦକ୍ଷିଣା ଅନୁସାରେ ପ୍ରତିମାସର ୧୫ ତାରିଖ ପୂର୍ବରୁ ପୂର୍ବ ମାସର ଦେୟ ପ୍ରଦାନ କରିବେ ନଚେତ୍ ବାର୍ଷିକ ୧୦% ସୁଧ ହାରରେ ଜମା କରିବାକୁ ହେବ। (ଉଦାହରଣ - ଏପ୍ରିଲ ମାସର ଦେୟ ମଇ ୧୫ ତାରିଖ ସୁଦ୍ଧା)।

୬. ସହାୟତା ବର୍ଷକୁ ୧୫ ଦିନର ଦକ୍ଷିଣା ହିସାବରେ ପ୍ରାପ୍ତ ହେବେ।

୭. ସହାୟତା ପ୍ରାପ୍ତି ନିମନ୍ତେ ସେବାରୁ ଅବ୍ୟାହତିର ୩ ମାସ ମଧ୍ୟରେ Online ଆବେଦନ କରିବା ଆବଶ୍ୟକ।

୮. ୨୦୧୨ଠାରୁ ୨୦୨୧ ପର୍ଯ୍ୟନ୍ତ ଯେଉଁମାନେ Offlineରେ Payment କରିଛନ୍ତି ସେହି dataକୁ Onlineରେ Entry କରିବେ।

୯. ପୂର୍ବରୁ ଦେୟ ପ୍ରଦାନ କରିଥିବେ କିନ୍ତୁ ବର୍ତ୍ତମାନ ସୁଦ୍ଧା ବକେୟା ଥିବ ସଂପୃକ୍ତ ସେବାବ୍ରତୀଙ୍କ ନାମ LICରୁ ବାଦ୍ ପଡ଼ିବ ତତ୍ ସହିତ SAATF Claim Settlement ହୋଇ ପାରିବ ନାହିଁ।

**ଦେୟ ପ୍ରଦାନ କରିବା ପ୍ରଣାଳୀ :-**

Onlineରେ କିପରି ଦେୟ ପ୍ରଦାନ କରିବେ ସେଥି ନିମନ୍ତେ Website : svsodisha.comକୁ visit କରି download optionକୁ click କରି SAATF help manual download କରିବେ। କୌଣସି ପରିସ୍ଥିତିରେ NEFT କରିବେ ନାହିଁ।

**ସେବାବ୍ରତୀ ଆନୁତୋଷିକ ଅନୁଦାନ ଟ୍ରଷ୍ଟ ଫଣ୍ଡର ସହାୟତା ପାଇଁ ଆବେଦନ ନିମନ୍ତେ ଆବଶ୍ୟକ ସୂଚୀ :-**

**୧. ସେବାବ୍ରତୀ କାର୍ଯ୍ୟରୁ ଇସ୍ତଫା (Resignation) ପ୍ରଦାନ କଲେ**

(କ) ସଂପୃକ୍ତ ସେବାବ୍ରତୀଙ୍କ ଇସ୍ତଫା ପତ୍ରର ଅବିକଳ ନକଲ

(ଖ) Managing Committee ଦ୍ୱାରା କରାଯାଇଥିବା Resolutionର ଅବିକଳ ନକଲ

(ଗ) Continuation certificate of service

(ଘ) Aadhaar Card Copy
(ଙ) ବ୍ୟାଙ୍କ ପାସବୁକର ଅବିକଳ ନକଲ କିମ୍ବା Cancellation Cheque
(ଚ) One passport size Photograph
(ଛ) ସେବାବ୍ରତୀଙ୍କ Last Pay Particular କିମ୍ବା Acquittanceର Xerox copy

**୨. ସେବାବ୍ରତୀ କାର୍ଯ୍ୟକାଳ ସମାପ୍ତି (Retirement) ପରେ**

(କ) Managing Committee ଦ୍ୱାରା କରାଯାଇଥିବା Resolutionର ଅବିକଳ ନକଲ
(ଖ) Continuation certificate of service
(ଗ) Aadhaar Card Copy
(ଘ) ବ୍ୟାଙ୍କ ପାସବୁକର ଅବିକଳ ନକଲ କିମ୍ବା Cancellation Cheque
(ଙ) One passport size Photograph
(ଚ) ସେବାବ୍ରତୀଙ୍କ Last Pay Particular କିମ୍ବା Acquittanceର Xerox copy

**୩. ସେବାବ୍ରତୀଙ୍କ ବିୟୋଗରେ (Death)**

(କ) ସେବାବ୍ରତୀଙ୍କ Death Certificate
(ଖ) Legal Heir Certificate
(ଗ) Continuation certificate of service
(ଘ) Aadhaar Card Copy of Sebabrati
(ଙ) Aadhaar Card Copy of Legal Heirs
(ଚ) Bank Passbook or Cancelled cheque of Legal Heirs
(ଛ) One Passport size Photograph of Legal Heirs
(ଜ) ସେବାବ୍ରତୀଙ୍କ Last Pay Particular କିମ୍ବା Acquittanceର Xerox copy

ବି.ଦ୍ର. - ଆବେଦନ କରିଥିବା ସମସ୍ତ ଅବିକଳ ନକଲ ସମ୍ପାଦକଙ୍କ ଦ୍ୱାରା Attested ହେବା ଆବଶ୍ୟକ।

ଭବଦୀୟ
ଗୋବିନ୍ଦ ସ୍ୱାଇଁ
ସମ୍ପାଦକ
ଶିକ୍ଷା ବିକାଶ ସମିତି, ଓଡ଼ିଶା

ଜ୍ଞାପକ ସଂଖ୍ୟା - ୩୫/୨୫ ତା. ୦୭.୦୧.୨୦୨୫

ଏହାର ଏକକିତା ପ୍ରତିଲିପି ସମସ୍ତ ସଂକୁଳ ପ୍ରମୁଖ, ସହ-ଜିଲ୍ଲା ପ୍ରମୁଖ, ଜିଲ୍ଲା ପ୍ରମୁଖ, ସମ୍ଭାଗ ସମ୍ପାଦକ, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଓ ପ୍ରାଦେଶିକ ଅଧିକାରୀଙ୍କ ଅବଗତି ଓ କ୍ରିୟାନ୍ୱୟନ ନିମନ୍ତେ ପ୍ରେରଣ କରାଗଲା।

ଗୋବିନ୍ଦ ସ୍ୱାଇଁ
ସମ୍ପାଦକ